ସଞ୍ଜୟ ମୁସାଲେ

ବନାମ

ଏମ୍.ପି. ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 17,1998

[ଡଃ ଏ.ଏସ୍. ଆନନ୍ଦ, ବି.ଏନ୍. କିରପାଲ ଏବଂ ଭି.ଏନ୍. ଖାରେ, ନ୍ୟାୟମୂର୍ତ୍ତିତ୍ୱୟ]

*ଜନସ୍ୱାର୍ଥ ମକଦ୍ଦମା—ଆବେଦନକାରୀ ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ଦାଖଲ କରନ୍ତି ଯାହା ବସ୍ତୁଗତ ତଥ୍ୟ ଲୁଚାଇଥାଏ—ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି — ଦର୍ଶାଯାଇଛି, ଏହି ଆବେଦନରେ କୌଣସି ଜନସ୍ୱାର୍ଥ ଜଡ଼ିତ ନାହିଁ— ନ୍ୟାୟାଳୟମାନେ ସେମାନଙ୍କ ବିଚାରପୀଠକୁ "ଜନସ୍ୱାର୍ଥ" ନାମରେ ଅପବ୍ୟବହାର କରିବାକୁ ଅନୁମତି ଦେଇପାରିବେ ନାହିଁ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ସଂଖ୍ୟା 15971/98କୁ ଅପିଲ କରିବା ପାଇଁ ସ୍ୱତନ୍ତ୍ର ଅନୁମତି ପାଇଁ ଆବେଦନ ।

ଡବ୍ଲ୍ୟୁ.ପି. ସଂଖ୍ୟା 943/1997ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ତା27.3.98ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଶିବ ସାଗର ତିୱାରୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଆକ୍ଷେପିତ ଆଦେଶରେ ଲକ୍ଷ୍ୟ କରାଯାଇଥିଲା ଭଳି ଆବେଦନକାରୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ରିଟ୍ ଆବେଦନ ବସ୍ତୁଗତ ତଥ୍ୟ ଲୁଚାଇ ରଖିଛି । ଆବେଦନକାରୀ ଅନ୍ୟକାହା ତରଫରୁ ଏହି ମାଲି ମକଦ୍ଦମା ଦାୟର କରିଥିବା ଜଣାପଡୁଛି । ଏହି ଆବେଦନରେ କୌଣସି ଜନସ୍ୱାର୍ଥ ଜଡ଼ିତ ନାହିଁ । ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ତାଙ୍କୁ ଏକ ବ୍ୟସ୍ତ ସଂସ୍ଥା ବୋଲି ଦର୍ଶାଇଥିଲେ ଏବଂ ଆମ ମତରେ, ଏପରି ଅଯଥା ହସ୍ତକ୍ଷେପ କରୁଥିବା ଅନଧିକାର ପ୍ରବେଶକାରୀଙ୍କୁ ଜନସ୍ୱାର୍ଥ ମକଦ୍ଦମା ଆବେଦନ ଜାରି ରଖିବା ପାଇଁ ଅନୁମତି ଦିଆଯାଇପାରିବ

ନାହିଁ । ନ୍ୟାୟାଳୟମାନେ ସେମାନଙ୍କ ବିଚାରପୀଠକୁ "ଜନସ୍ୱାର୍ଥ" ନାମରେ ଅପବ୍ୟବହାର କରିବାକୁ ଅନୁମତି ଦେଇପାରିବେ ନାହିଁ ।  ତେଣୁ ଏହି ସ୍ୱତନ୍ତ୍ର ଅନୁମତି ଆବେଦନକୁ ଟ.5,000 ଖର୍ଚ୍ଚ ସହିତ ଖାରଜ କରିଦିଆଯାଇଛି ।

ଆର୍.ପି.                                                                                    ଆବେଦନ ଖାରଜ ହେଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।